**ସୁରକ୍ଷା ପାଇଁ ପୋଲିସ ମହାନିର୍ଦ୍ଦେଶକଙ୍କୁ ଅନୁରୋଧ**

କୁଜଙ୍ଗ, (ଡି.ଏନ୍.ଏ.): ସ୍ଥାନୀୟ ପୋଲିସଠାରୁ ବିପଦ ଆଶଙ୍କାରେ ଏରସମା ବ୍ଲକ୍ ଅନ୍ତର୍ଗତ ଢିଙ୍କିଆ ପଞ୍ଚାୟତର ବହିଷ୍କୃତ ସମିତି ସଭ୍ୟ ଦେବେନ୍ଦ୍ର ସ୍ୱାଇଁ ଶୁକ୍ରବାର ସୁରକ୍ଷା ପାଇଁ ପୋଲିସ ମହାନିର୍ଦ୍ଦେଶକଙ୍କୁ ଅନୁରୋଧ କରିଛନ୍ତି। ସେ କହିଛନ୍ତି, ଭିଟାମାଟିର ସୁରକ୍ଷାପାଇଁ ଲଢ଼େଇ କରୁଥିବାରୁ ତାଙ୍କୁ ଗିରଫ କରିବା ପାଇଁ ୪ ତାରିଖରେ ଗ୍ରାମବାସୀ ଓ ପୋଲିସ ମୁହାଁମୁହିଁ ହୋଇଥିଲେ। ସେବେଠାରୁ ପୋଲିସ ଗ୍ରାମର ୩ଟି ପ୍ରବେଶ ପଥରେ ପଇଁତରା ଦେବା ସହ ଗ୍ରାମବାସୀଙ୍କ ପରିଚୟ ପତ୍ର ତନଖି କରି ଭୟର ବାତାବରଣ ସୃଷ୍ଟି କରୁଛି। ତେଣୁ ପୋଲିସଠାରୁ ତାଙ୍କୁ ଓ ପରିବାରକୁ ସୁରକ୍ଷା ଯୋଗାଇ ଦେବାପାଇଁ ସ୍ୱାଇଁ ଲିଖିତଭାବେ ଜଣାଇଛନ୍ତି।

## ଆଜି କ'ଣ କେଉଁଠି

ଯାଜପୁର

- ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜାତୀୟ ଲୋକ ଅଦାଲତ। ସ୍ଥାନ–ଯାଜପୁର ସିଭିଲ କୋର୍ଟ ପରିସର। ସମୟ–ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ନିଖୋଜ ନାବାଳିକା ଛାତ୍ରୀ ୭ ଦିନ ପରେ ଉଦ୍ଧାର

ରଘୁନାଥପୁର,୧୦।୧୨(ଡି.ଏନ୍.ଏ.): ରଘୁନାଥପୁର ଥାନା ଅଞ୍ଚଳରୁ ଜଣେ ନାବାଳିକା ଛାତ୍ରୀଙ୍କୁ ନିଖୋଜ ହେବାର ୭ ଦିନ ପରେ ଉଦ୍ଧାର କରାଯାଇଛି। ପୋଲିସ ତାଙ୍କ ଡାକ୍ତରୀମାଇନା କରାଇଛି। ନାବାଳିକାଙ୍କ ନିଖୋଜ ସମ୍ପର୍କରେ ଡିସେମ୍ବର ୧ରେ ତାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ. ୧୬୮/୨୧) ରୁଜୁ କରିଥିଲା। ଗତ ୨ ଦିନ ତଳେ ସମ୍ପୃକ୍ତା ନାବାଳିକା ଘରକୁ ଫେରିଥିବା ଖବରପାଇ ଶୁକ୍ରବାର ପୋଲିସ ପହଞ୍ଚି ତାଙ୍କୁ ଥାନାକୁ ଆଣି ବୟାନ ରେକର୍ଡ କରିଛି। ଏହାପରେ ତାଙ୍କୁ ପରିବାର ଲୋକଙ୍କ ଜିମା ଦିଆଯାଇଥିଲା। ପାଠ ପଢିବା ପାଇଁ ପରିବାର ପକ୍ଷରୁ ଚାପ ପକାଯିବାରୁ ସମ୍ପୃକ୍ତା ନାବାଳିକା ଘରୁ ଲୁଚି ପଳାଇଥିଲେ ବୋଲି ତଦନ୍ତକାରୀ ଅଧିକାରୀ ଏସଆଇ ଗୟାସ ଅହମ୍ମଦ ପ୍ରକାଶ କରିଛନ୍ତି।

### ହାଇୱା ପଛରେ ପିଟି ହୋଇ ବାଇକ ଚାଳକଙ୍କ ମୃତ୍ୟୁ

ବିରିଡି,୧୦।୧୨(ଡି.ଏନ୍.ଏ.): ବିରିଡି ଥାନା ଅନ୍ତର୍ଗତ ୨୨ ମୌଜା ଦେବୀନଦୀର ଅଲିପଡା-ଝାରପଡା ସେତୁ ଉପରେ ଗୁରୁବାର ରାତିରେ ଏକ ହାଇୱା ପଛରେ ବାଇକ୍ ପିଟି ହୋଇଯାଇଛି। ଫଳରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ୨୨ମୌଜା ବାଇପଦା ଗ୍ରାମର ସୁବାସ ସାମଲଙ୍କ ପୁତ୍ର ସୁମନ୍ତ(୨୨)। ସେ ଗ୍ରାମର ଅନ୍ୟ ୨ ଜଣ ଯୁବକଙ୍କୁ ବାଇକ୍‌ରେ ବସାଇ ଝାରପଡାରୁ ନିଜ ଗ୍ରାମକୁ ଆସୁଥିଲେ। ଅଲିପଡା-ଝାରପଡା ସେତୁର ମଧ ଭାଗରେ ଏକ ହାଇୱା ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଫଳରେ ଘଟଣାସସ୍ଥଳରେ ସୁମନଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୨ ଜଣ ବର୍ତ୍ତି ଯାଇଥିଲେ। ବିରିଡି ପୋଲିସ ସେଠାରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।

### ୧୪ରୁ ବିଏସ୍‌କେୱାଇ କାର୍ଡ ବଣ୍ଟନ

ରଘୁନାଥପୁର,୧୦।୧୨(ଡି.ଏନ୍.ଏ.): ରଘୁନାଥପୁର ବ୍ଲକର ୧୯ ପଞ୍ଚାୟତରେ ଡିସେମ୍ବର ୧୪ରୁ ତିନିଦିନ ଧରି ବିଏସ୍‌କେୱାଇ(ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା) କାର୍ଡ ବଣ୍ଟନ କରାଯିବ। ଏ ନେଇ ଏକ ଜରୁରୀ ବୈଠକ ବ୍ଲକ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକରେ ମୋଟ ୧୭ ହଜାର ୧୮୯ କାର୍ଡ ବଣ୍ଟନ ଲାଗି ବ୍ୟବସ୍ଥା ହୋଇଛି। ଏନେଇ ବିଡିଓ ଜିତେନ୍ଦ୍ର କୁମାର ନାୟକଙ୍କ ଅଧକ୍ଷତାରେ ଶୁକ୍ରବାର ଆୟୋଜିତ ବୈଠକରେ ତହସିଲଦାର ରୂପାଲିକା ଦାଶ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ସୁକାନ୍ତ କୁମାର ଦଲେଇ, ସିଡିପିଓ ଜ୍ୟୋତ୍ସ୍ନାରାଣୀ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଦାୟିତ୍ୱରେ ଥିବା ଏମ୍‌ଆଇ ବାବୁଲାଲ ବାରିକ ଉପସ୍ଥିତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଶିକ୍ଷକ ଓ ଅନ୍ୟାନ୍ୟ କର୍ମଚାରୀଙ୍କୁ ତାଲିମ ଦେଇଥିଲେ। କାର୍ଡ ନେବା ପାଇଁ ପରିବାରର ମୁଖ୍ୟ ସାଙ୍ଗରେ ଆଧାର କାର୍ଡ ଓ ବ୍ୟାଙ୍କ ପାସବୁକ ସହ ରାଶନ କାର୍ଡ ଆଣିବା ବାଧତାମୂଳକ। ଏହାଛଡା ନିଜର ଫୋନ ନମ୍ବର ଦେବା ଜରୁରୀ ବୋଲି ଏମ୍‌ଆଇ ବାରିକ ପ୍ରକାଶ କରିଛନ୍ତି।

### ପଟ୍ଟାମୁଣ୍ଡାଇ ଅବସରପ୍ରାପ୍ତ କର୍ମଚାରୀ ସଂଘର ଧାରଣା

ପଟ୍ଟାମୁଣ୍ଡାଇ,୧୦।୧୨(ସ୍ୱ.ପ୍ର.): ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନରେ ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସଂଘ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳଙ୍କ ନେତୃତ୍ୱରେ ସଦସ୍ୟମାନେ ଧାରଣା ଦେଇଥିଲେ। ପେନସନଭୋଗୀମାନଙ୍କୁ ସରକାର ବିଭିନ୍ନ ହସ୍ପିଟାଲରେ ମାଗଣାରେ ଚିକିତ୍ସା ଯୋଗାଇ ଦେବା, ନୂଆ ପେନସନ ଯୋଜନାକୁ ଉଚ୍ଛେଦ କରାଯିବା, ପେନସନଭୋଗୀମାନଙ୍କଠାରୁ ଆୟକର ଆଦାୟ ବ୍ୟବସ୍ଥାକୁ ଉଚ୍ଛେଦ ଦେଶରେ ଗୋଟିଏ ପେନସନ ଯୋଜନା କାର୍ଯ୍ୟକାରୀ କରିବା, ପ୍ରତିବର୍ଷ ଡିସେମ୍ବର ୧୭କୁ ପେନସନଭୋଗୀ ଦିବସ ଭାବେ ଘୋଷଣା କରାଯିବା ଆଦି ଦାବିନେଇ ଅବସରପ୍ରାପ୍ତ କର୍ମଚାରୀମାନେ ଧାରଣା ଦେଇଥିଲେ। ଏଥିରେ ସଦସ୍ୟ ବସନ୍ତ କୁମାର ପରିଡା, ଶିକ୍ଷକ ନେତା ବିଜୟ କୁମାର ସାହୁ, ପ୍ରମୋଦ କୁମାର ନାୟକ, ନାରାୟଣ ଦାସ, ମାଧବ ଚରଣ ନନ୍ଦ, ପ୍ରଫୁଲ୍ଲ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ଦେଇଥିଲେ।

# ବେଆଇନ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ରକୁ ଲଗାମ ନାହିଁ

କେନ୍ଦ୍ରାପଡ଼ା ଅଫିସ, ୧୦।୧୨

ବୈଷୟିକ ଶିକ୍ଷା ପ୍ରତି ଯୁବତୀଯୁବକଙ୍କ ମଧ୍ୟରେ ସାମ୍ପ୍ରତିକ ସମୟରେ ଆକର୍ଷଣ ବୃଦ୍ଧି ପାଉଛି। କମ୍ପ୍ୟୁଟର ବିନା କାର୍ଯ୍ୟ କରିବା ଅସମ୍ଭବ ହେଉଥିବାରୁ ଯୁବପିଢ଼ିଙ୍କ ଏହି ଶିକ୍ଷା ଆବଶ୍ୟକତା ହୋଇଛି। ଏହାର ସୁଯୋଗ ନେଉଛନ୍ତି କେତେଗୋଟି ଜାଲ୍ ସଂସ୍ଥା। ଏହି ସଂସ୍ଥା ବିଭିନ୍ନ ସ୍ଥାନରେ ତାଲିମ କେନ୍ଦ୍ର ଖୋଲି ମିଛ ସାର୍ଟିଫିକେଟ ବାଣ୍ଟୁଛନ୍ତି। ଫଳରେ ନିରୀହ କିଶୋର ଓ ଯୁବବର୍ଗ ଠକାମିର ଶିକାର ହେଉଛନ୍ତି। ଆଳି ବ୍ଲକ ସାନମଙ୍ଗର ବୈଲୋଚନ ଦାସ ୮ ଦିନ ପୂର୍ବେ ଏପରି ଏକ ଘଟଣାର ଶିକାର ହୋଇଛନ୍ତି। ଜିଲାରେ ଥିବା ବେଆଇନ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ରର ତନଖି କରି କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କୁ ଗୁରୁବାର ଏକ ଦାବିପତ୍ର ଦେଇଛନ୍ତି। ସେ କହିଛନ୍ତି, ଭୁବନେଶ୍ୱରସ୍ଥ ଏକ ତାଲିମ କେନ୍ଦ୍ରରୁ ପିଜିଡିସିଏ କୋର୍ସ କରିଛନ୍ତି। ପାସ କରିଥିବା ସାର୍ଟିଫିକେଟ ସମ୍ପୃକ୍ତ ସଂସ୍ଥା ପରୀକ୍ଷା ପରେ ଦେଇଛନ୍ତି। ତେବେ ଗତ ୧୦ ଦିନ ପୂର୍ବେ ହାଇଦ୍ରାବାଦକୁ କର୍ମନିଯୁକ୍ତି ପାଇଁ ଯାଇଥିବା ବେଳେ ସେଠାରେ ପିଜିଡିସିଏ ପ୍ରମାଣପତ୍ର ଦେଖାଇବା ପରେ ଏହାର ବୈଧତା ନେଇ ପ୍ରଶ୍ନ ଉଠାଇବା ସହ ପଦବୀ ପାଇଁ ଅଯୋଗ୍ୟ ଘୋଷିତ କରିଛନ୍ତି।

ସୂଚନା ଅଧିକାର କର୍ମୀ ଅଶେଷ କୁମାର ଖଟୁଆ କୁହନ୍ତି, ୨୦୧୭ ରେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗକୁ ଏ ନେଇ ଏକ ପ୍ରଶ୍ନ କରାଯାଇଥିଲା। ଏହି ପ୍ରଶ୍ନରେ ରାଜ୍ୟରେ ପିଜିଡିସିଏ ପରିଚାଳନା ପାଇଁ ଅନୁମତି ପାଇଥିବା ସଂସ୍ଥା ଅଥବା ଶିକ୍ଷାନୁଷ୍ଠାନର ନାମ ପ୍ରକାଶ ପାଇଁ ସୂଚନା ଅଧିକାର ଆଇନ ଅନୁଯାୟୀ ଆବେଦନ ହୋଇଥିଲା। ଏହିବର୍ଷ ଅଗଷ୍ଟ ୧ରେ ମିଳିଥିବା ତଥ୍ୟ (ପତ୍ରସଂଖ୍ୟା ୨୮୭୨୨)ରେ ରାଜ୍ୟର ମାତ୍ର ୧୩ଟି ଶିକ୍ଷାନୁଷ୍ଠାନକୁ ମଞ୍ଜୁରୀ ଥିବା ଜଣାପଡିଥିଲା। ଏହି ତଥ୍ୟକୁ ତର୍ଜମା କଲେ ରାଜ୍ୟ ସରକାରଙ୍କ ନଜର ଆଢୁଆଳରେ ୧୦ରୁ ଅଧିକ ଜାଲ୍ ସଂସ୍ଥା ନିଜର ନେଟୱର୍କ ରାଜ୍ୟ ସାରା ବିଛାଇଛନ୍ତି। ଏହି ଜାଲ୍ ସଂସ୍ଥାଗୁଡିକ କେନ୍ଦ୍ରାପଡ଼ା ଜିଲାରେ ୩୦ରୁ ଅଧିକ ସ୍ଥାନରେ ତାଲିମ କେନ୍ଦ୍ର ଖୋଲିଛନ୍ତି। ବୁଦ୍ଧିଜୀବୀ ପ୍ରଶାନ୍ତ କୁମାର ନାୟକ କହିଛନ୍ତି, ରାଜ୍ୟ ଓ କେନ୍ଦ୍ର ସରକାର ବୈଷୟିକ କ୍ଷମତା ବୃଦ୍ଧିକୁ ପ୍ରାଧାନ୍ୟ ଦେଉଛନ୍ତି। ସ୍କିଲ ଇଣ୍ଡିଆ, ସ୍କିଲ ଓଡ଼ିଶାରେ ଯୁବବର୍ଗ ସାମିଲ ହୋଇ ଦେଶ ଓ ରାଜ୍ୟକୁ ଆଗକୁ ନେବାକୁ ସଚେତନତା ସୃଷ୍ଟି କରୁଛନ୍ତି। ଏ ନେଇ ସରକାରଙ୍କ ଅନୁଦାନ ବହୁଳ ଭାବେ ଖର୍ଚ୍ଚ ହେଉଛି। ତେବେ ତୃଣମୂଳସ୍ତରରେ ଯୋଜନାର କାର୍ଯ୍ୟକାରିତା ଓ ତନଖି ପାଇଁ ଅଦ୍ୟାବଧି ଉପଯୁକ୍ତ ଭିତ୍ତିଭୂମି ପ୍ରତିଷ୍ଠା କରିପାରିନାହାନ୍ତି। ଏହାର ସୁଯୋଗ ନେଇ କେତେଗୋଟି ଜାଲ୍ ସଂସ୍ଥା ଓ ବ୍ୟକ୍ତି ବିଶେଷ ନାମକୁମାତ୍ର ଶିକ୍ଷାକେନ୍ଦ୍ର ଖୋଲି ସାର୍ଟିଫିକେଟ ବିକ୍ରି କରୁଛନ୍ତି। ସେହିପରି ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି କୁହନ୍ତି, ପୂର୍ବରୁ ଶିକ୍ଷାଦାନ ମହାପୁଣ୍ୟ ବୋଲି ବିବେଚିତ ହେଉଥିଲା। ଦେଶ ସ୍ୱାଧୀନର ଅବଧି ପୂର୍ବରୁ ଶିକ୍ଷାର ଆବଶ୍ୟକତାକୁ ଗୁରୁତ୍ୱ ଦିଆଯାଇଥିବା ବେଳେ ପରବର୍ତ୍ତୀ ସମୟରେ ଏହା ଏକ ମୌଳିକ ସେବା ଓ ଅଧିକାର ହୋଇଛି। ତେବେ କେତେଗୋଟି ଘରୋଇ ସଂସ୍ଥା ସେବା ବଦଳରେ ଅର୍ଥ ଉପାର୍ଜନ ପାଇଁ ଆକର୍ଷଣୀୟ ବିଜ୍ଞାପନ ମାଧ୍ୟମରେ ଶିକ୍ଷାର୍ଥୀଙ୍କୁ ଭ୍ରମିତ କରୁଥିବା ଦେଖାଯାଉଛି। ଏପରିକି କେତେଗୋଟି ଘରୋଇ ଶିକ୍ଷାନୁଷ୍ଠାନର ବୈଧତା ନ ଥାଇ ପ୍ରମାଣପତ୍ର ଯୋଗାଉଥିବାରୁ ଯୁବବର୍ଗ ଠକାମିର ଶିକାର ହେଉଛନ୍ତି। ଜିଲାରେ ବେଆଇନ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର ସମ୍ପର୍କରେ ଉପଜିଲାପାଳ ନିରଞ୍ଜନ ବେହେରା କହିଛନ୍ତି, ସମ୍ପୃକ୍ତ ଅଭିଯୋଗକାରୀ ଦାସ ଭୁବନେଶ୍ୱରର ଏକ ତାଲିମକେନ୍ଦ୍ରର ପ୍ରମାଣପତ୍ର ପାଇଛନ୍ତି। କେନ୍ଦ୍ରାପଡ଼ା ଜିଲାରେ ଏହି ସଂସ୍ଥାର କୌଣସି ଶାଖା ନାହିଁ। ତେବେ ଏପରି ଅବୈଧ ଶିକ୍ଷାନୁଷ୍ଠାନର ତନଖି କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଚାଷୀଙ୍କୁ ବାତ୍ୟା କ୍ଷୟକ୍ଷତି ସହାୟତା ଦେବାକୁ ଦାବି



ଆଳି,୧୦।୧୨ (ଡି.ଏନ.ଏ.)

ବାତ୍ୟା ଜୱାଦ ପ୍ରଭାବରେ ବର୍ଷା ଲାଗି ରହିବାରୁ ଆଳି ବ୍ଲକରେ ୧୬ ହଜାର ହେକ୍ଟର ଜମିରେ ଧାନ ସହ ବିରି ଓ ପନିପରିବା ଚାଷ ପ୍ରାୟ ଶତ ପ୍ରତିଶତ କ୍ଷତିଗ୍ରସ୍ତ ହୋଇଛି। ଫଳରେ ଫସଲ ନଷ୍ଟ ହେବା ସଙ୍ଗେସଙ୍ଗେ ଚାଷୀମାନେ ରୋଜଗାର ହରାଇଛନ୍ତି। ଏହି ପରିପ୍ରେକ୍ଷୀରେ ଆଳି ବ୍ଲକ କଂଗ୍ରେସ କମିଟି ପକ୍ଷରୁ ସରକାରଙ୍କୁ ୩ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଆଳି ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଦାବିଗୁଡିକ ହେଲା ବାତ୍ୟା କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ରବି ଫସଲ ପାଇଁ ମାଗଣାରେ ବିହନ, ସାର ଓ କୀଟନାଶକ ଔଷଧ ଯୋଗାଇ ଦେବା, ଶ୍ରମିକମାନଙ୍କୁ କାମ ଧନ୍ଦା ଯୋଗାଇ ଦେବା, ଚାଷୀଙ୍କୁ ଋଣ ଛାଡ଼ ନିମନ୍ତେ ସେମାନେ ଦାବି କରିଛନ୍ତି। ଆଳି ବ୍ଲକ କଂଗ୍ରେସ କମିଟି ସଭାପତି ରବିନାରାୟଣ ବେହେରା, ବିଜୟ କୁମାର ସାମଲ, ଗଦାଧର ଜେନା, ଭୀମସେନ ବାରିକ, କରୁଣାକର ନାଥ, ସତ୍ୟପ୍ରିୟ ସାମଲ, ରାଜମୋହନ ସ୍ୱାଇଁ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

# ଅମରେନ୍ଦ୍ର–ପ୍ରଶାନ୍ତ ମୁହାଁମୁହିଁ




ଜୋନସ୍ତରୀୟ କର୍ମୀ ସମାବେଶରେ ଯୋଗଦେଇଥିବା ନେତୃମଣ୍ଡଳୀ।

**ଜଗତ୍‌ସିଂହପୁର ବିଜେଡିରେ ଗୋଷ୍ଠୀ କନ୍ଦଳ**

ଜଗତ୍‌ସିଂହପୁର ଅଫିସ, ୧୦।୧୨

ସ୍ଥାନୀୟ ସାରଦା ମଣ୍ଡପ ପରିସରରେ ବିଜେଡି ପକ୍ଷରୁ ଗୁରୁବାର ଆୟୋଜିତ କାର୍ଯ୍ୟକ୍ରମରେ ଦଳର ପୂର୍ବତନ ଜିଲା ସଭାପତି ତଥା ବର୍ତ୍ତମାନର ରାଜ୍ୟ କାଜୁ ନିଗମ ଅଧକ୍ଷ ଅମରେନ୍ଦ୍ର ଦାସଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା ଲାଗି ରହିଛି। ଶୁକ୍ରବାର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଓ ଅମରେନ୍ଦ୍ର ଧରିତ୍ରୀକୁ ଯାହା କହିଛନ୍ତି, ତାହା ସେମାନଙ୍କୁ ମୁହାଁମୁହିଁ ପରିସ୍ଥିତିକୁ ନେଇ ଯାଇଥିବା ଆଭାସ ଦେଉଛି। ଏ ସମ୍ପର୍କରେ ଅମରେନ୍ଦ୍ର କହିଛନ୍ତି, ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ତାଙ୍କୁ ଡକାଯାଉନାହିଁ। ଗୁରୁବାର ସେ ଜଗତ୍‌ସିଂହପୁରରେ ଥିଲେ ସୁଦ୍ଧା ଡକାଯାଇ ନ ଥିଲା। ତେଣୁ ସେ ଏହି କାର୍ଯ୍ୟକ୍ରମରେ ଯୋଗଦେବା ସମ୍ଭବ ହେଲାନାହିଁ। ଏନେଇ ବିଧାୟକ ପ୍ରଶାନ୍ତଙ୍କୁ ପଚରାଯିବାରୁ ସେ କହିଥିଲେ, ଯେହେତୁ ଜୋନସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଥିଲା, ତେଣୁ ଅମରେନ୍ଦ୍ରଙ୍କୁ ଡକାଗଲା ନାହିଁ। କାରଣ ଅମରେନ୍ଦ୍ର କାର୍ଯ୍ୟକାରିଣୀ ସଭ୍ୟ ନାହାନ୍ତି ବୋଲି ବିଧାୟକ କହିଥିଲେ। ବାସ୍ତବରେ କିନ୍ତୁ ସାରଦା ମଣ୍ଡପରେ ବିଜେଡିର ଜୋନସ୍ତରୀୟ କର୍ମୀ ସମାବେଶ ଥିଲା। ଏଥିରେ ଏପରି କି ଗାଁ ଗହଳିର ସାଧାରଣ ଦଳୀୟ କର୍ମୀ ଯୋଗଦେଇଥିଲେ ବୋଲି ଅମରେନ୍ଦ୍ରଙ୍କ ସମେତ ଅନେକ ଦଳୀୟ ନେତା ଓ କର୍ମୀ ସୂଚନା ଦେଇଛନ୍ତି। ବ୍ୟାନରରେ ଜୋନସ୍ତରୀୟ କର୍ମୀ ସମାବେଶ ଉଲ୍ଲେଖ ଥିବାବେଳେ ଜୋନସ୍ତରୀୟ କାର୍ଯ୍ୟକାରିଣୀ ବୈଠକ କିପରି ହେଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ବିଧାୟକ ତ୍ରୁଟି ଲୁଚାଇବାକୁ ଯାଇ ଗଣମାଧ୍ୟମକୁ ଭୁଲ୍ ସୂଚନା ଦେଉଥିବା ସେମାନେ ଅଭିଯୋଗ କରିଛନ୍ତି। ଏହା ଉପରେ ପ୍ରଶାନ୍ତ ଗୁରୁବାର କହିଥିବା କଥାକୁ ସାମାନ୍ୟ ବଦଳାଇ କହିଥିଲେ, ତାହା ଜୋନସ୍ତରୀୟ କାର୍ଯ୍ୟକର୍ତ୍ତା ସମାବେଶ ଥିଲା। ଯେଉଁମାନେ କର୍ମୀ ସମାବେଶ କଥା ଉଠାଉଛନ୍ତି, ସେମାନେ ଦଳୀୟ ଲୋକ ହୋଇ ନ ଥିବେ। ଅମରେନ୍ଦ୍ର କାଜୁ ଚାରା ବାଣ୍ଟୁଥିଲେ। ସେତେବେଳେ ତାଙ୍କୁ ଡାକି ନ ଥିଲେ ବୋଲି ପ୍ରଶାନ୍ତ ଅଭିଯୋଗ କରିଛନ୍ତି। ଏହା ଉପରେ ଅମରେନ୍ଦ୍ର କହିଛନ୍ତି, ପ୍ରଶାନ୍ତ ବିଧାୟକ ଭାବେ ନିର୍ବାଚିତ ହେଲା ପରେ ସେ ନୂଆପୋଲ ନିକଟରୁ ଜଗତ୍‌ସିଂହପୁର ପର୍ଯ୍ୟନ୍ତ ଶୋଭାଯାତ୍ରା ସହ ସମ୍ବର୍ଦ୍ଧନା ସଭାର ଆୟୋଜନ କରିଥିଲେ। ସେତେବେଳେ କିନ୍ତୁ ପ୍ରଶାନ୍ତ ଯୋଗଦେଇ ନ ଥିଲେ। ତା'ପରେ ପଦଯାତ୍ରାର ଆୟୋଜନ କରିଥିଲେ ସୁଦ୍ଧା ବିଧାୟକ ଅନୁପସ୍ଥିତ ରହିଲେ। ବାରମ୍ବାର ବିଭିନ୍ନ କାର୍ଯ୍ୟକ୍ରମରେ ଡାକି ନିରାଶ ହେଲା ପରେ ସେ ଆଉ ଡାକୁନାହାନ୍ତି। କାଜୁ ଚାରା ବଣ୍ଟନ ସରକାରୀ କାର୍ଯ୍ୟକ୍ରମ ଥିଲା। ଏହା ଉପରେ ନକାରାତ୍ମକ ବିବୃତି ଦେବା ଦୁର୍ଭାଗ୍ୟଜନକ ବୋଲି ଅମରେନ୍ଦ୍ର ପ୍ରତିକ୍ରିୟାରେ କହିଛନ୍ତି।

## ସିସି ରୋଡ୍‌ରେ ଟାଇଲ ବିଛାକୁ ବିରୋଧ

କେନ୍ଦ୍ରାପଡ଼ା ଅଫିସ, ୧୦।୧୨

ଗରଦପୁର ବ୍ଲକ ପଦ୍ମପୁର ପଞ୍ଚାୟତ କିଶିଲୋ ଗ୍ରାମର ରାଜନ ସ୍ୱାଇଁଙ୍କ ଘରଠାରୁ ଗୋଲେଖ ସାହୁଙ୍କ ଘର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ଥିଲା। ଏହି ରାସ୍ତାକୁ ଟାଇଲ ପକାଯାଇ ନବୀକରଣ ହେଉଛି। ସିସି ରୋଡ ପରିବର୍ତ୍ତେ ଟାଇଲ ଉପଯୋଗୀ ନ ଥିବା ଦର୍ଶାଇ ଗ୍ରାମବାସୀ ଏହାକୁ ବିରୋଧ କରିଛନ୍ତି। ଏହି ରାସ୍ତାକୁ କଂକ୍ରିଟ କରିବାକୁ ବିଡିଓଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଏ ସମ୍ପର୍କରେ ଗୋଲେଖ କହିଛନ୍ତି, ଏହି ରାସ୍ତା ମୁଖ୍ୟ ରାସ୍ତାକୁ ସଂଯୋଗ ହୋଇଛି। ପ୍ରତିଦିନ ନିତ୍ୟ ବ୍ୟବହାର୍ଯ୍ୟ ପାଇଁ ଟ୍ରାକ୍ଟର, ବାଇକ୍ ଆଦି ଯାତାୟାତ କରୁଛି। ରାସ୍ତାର ସବୁବେଳେ କାଦୁଆ ଥିବାରୁ ଟାଇଲ ରାସ୍ତା ଦବି ଯିବା ଓ ଭାଙ୍ଗିବା ସମ୍ଭାବନା ଅଛି। ଏଥିସହ ଟାଇଲ ରାସ୍ତାରେ ବୃଦ୍ଧାବୃଦ୍ଧଙ୍କ ସହିତ ବାଇକ୍ ଚାଳକଙ୍କ ସମସ୍ୟା ହେବ। ଟାଇଲ ପରିବର୍ତ୍ତେ କଂକ୍ରିଟ ରୋଡ ନିର୍ମାଣ ହେଲେ ଏହି ସମସ୍ୟା ରହିବ ନାହିଁ ବୋଲି ବିଡିଓଙ୍କୁ ଦରଖାସ୍ତ ଦେଇଛନ୍ତି। ସମସ୍ୟାର ସମାଧାନ ନ ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ହେବ ବୋଲି ସେ ପ୍ରକାଶ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଗ୍ରାମର ଲିଳିବାଳା ସାହୁ, ଧନେଶ୍ୱର ସାହୁ, ବାବୁଲି ରାଉତଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

## ହୋମଗାର୍ଡଙ୍କ ଉପରେ ଚଢ଼ିଗଲା ଟ୍ରେଲର

ରସୁଲପୁର,୧୦।୧୨(ଡି.ଏନ.ଏ.)

ସଡ଼କ ଦୁର୍ଘଟଣାରେ କୁଆଖିଆ ଥାନାର ଜଣେ ହୋମଗାର୍ଡଙ୍କ ଶୁକ୍ରବାର ସନ୍ଧ୍ୟାରେ ମୃତ୍ୟୁ ହୋଇଛି। ସେ ହେଲେ ଏହି ଥାନା ରହାମ୍ବା ପଞ୍ଚାୟତ କୁରାଂଶ ଗ୍ରାମର ରାଜକିଶୋର ପଣ୍ଡାଙ୍କ ପୁଅ ସତ୍ୟବ୍ରତ ପଣ୍ଡା(୩୫)। ସତ୍ୟବ୍ରତ ପାଣିକୋଇଲି ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥର ଟିକର ଛକ ନିକଟସ୍ଥ ଡାଇଭର୍ସନ ନିକଟରେ ରାସ୍ତାରୁ ଭିଡ଼ ହଟାଉଥିଲେ। ଏହି ସମୟରେ କଟକରୁ ଭଦ୍ରକ ଅଭିମୁଖେ ଯାଉଥିବା ଟ୍ରେଲର ନଂ.(ଆର୍‌ଜି–୦୨–ଜିବି–୭୧୭୩) ତାଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ରାଜପଥ ପାଟ୍ରୋଲିଂରେ ନିୟୋଜିତ ଗାଡ଼ିରେ କୁଆଖିଆ ଥାନା ପକ୍ଷରୁ ସତ୍ୟବ୍ରତ ନିୟୋଜିତ ହୋଇଥିଲେ। ଦୁର୍ଘଟଣା ଘଟାଇଥିବା ଟ୍ରେଲରକୁ ପାଣିକୋଇଲି ପୋଲିସ ଜବତ କରିବା ସହ ଚାଳକ ଓ ହେଲ୍‌ପରଙ୍କୁ ଗିରଫ କରି ତଦନ୍ତ ଆରମ୍ଭ କରିଛି।

## ପଟ୍ଟାମୁଣ୍ଡାଇ କଲେଜରେ ମାନବିକ ଅଧିକାର ଦିବସ

ପଟ୍ଟାମୁଣ୍ଡାଇ,୧୦।୧୨(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ କଲେଜ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ମାନବିକ ଅଧିକାର ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କଲେଜ ଅଧକ୍ଷ ପ୍ରଫେସର ପ୍ରଭାକର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ କେନ୍ଦ୍ରାପଡ଼ା ଦୀନବନ୍ଧୁ ସାହୁ ଆଇନ କଲେଜ ଅଧ୍ୟାପକ ଡ. ଚିରଞ୍ଜୀବ ସାହୁ ବକ୍ତା ଭାବେ ଯୋଗ ଦେଇ ମାନବିକ ଅଧିକାର ଦିବସ ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସଭାରେ ଅଧ୍ୟାପିକା ସୀମାଙ୍ଗିନି ଦାସ, ଅଧ୍ୟାପକ ଡ. ଦେବାଶୀଷ ମଲିକ ଓ ରଞ୍ଜନ କୁମାର ବେହେରା ପ୍ରମୁଖ ଭାଷଣ ଦେଇଥିଲେ। ସଭା ଆରମ୍ଭରେ ହେଲିକପ୍ଟର ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ସିଡିଏସ୍ ବିପିନ ରାୱତ ଓ ଅନ୍ୟ ସେନାଧିକାରୀଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସଭାରେ କଲେଜର ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

# ୧୩ରେ ନାଉଗାଁରେ ହେବ ସାଧୁସନ୍ଥ ସମାବେଶ

ଜଗତସିଂହପୁର ଅଫିସ, ୧୦।୧୨

ଶିବଙ୍କ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ପ୍ରାଚୀନ ସହର କାଶୀ ବିଶ୍ୱନାଥ ଧାମ ଅନ୍ୟତମ। ଗଙ୍ଗା ନଦୀ କୂଳରେ ସୃଷ୍ଟି ହୋଇଥିବା ଏହି ଧାମ ପବିତ୍ର ସପ୍ତପୁରୀ ମଧ୍ୟରୁ ଅନ୍ୟତମ। ଏହି ସହରର ପ୍ରାଚୀନ ସଂସ୍କୃତିର ପୁନଃ ପ୍ରତିଷ୍ଠା ସହ ସୌନ୍ଦର୍ଯ୍ୟକରଣ ଓ ସାମଗ୍ରିକ ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍ୟମ ଆରମ୍ଭ କରିଛନ୍ତି। ଡିସେମ୍ବର ୧୩ରେ ଏହି କାର୍ଯ୍ୟ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପଣ ହେବ। ଏହି ଅବସରରେ ସାରା ଦେଶରୁ ଧର୍ମାଚାର୍ଯ୍ୟ, ସାଧୁସନ୍ଥ, ଜ୍ଞାନୀଗୁଣୀ, ପ୍ରବୁଦ୍ଧଜନ, ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, କେନ୍ଦ୍ର ମନ୍ତ୍ରୀ ତଥା ଉତ୍ତରପ୍ରଦେଶ ସରକାରଙ୍କ ମନ୍ତ୍ରୀଙ୍କ ସମେତ ବହୁ ସଂଖ୍ୟାରେ ଭକ୍ତ ଅଂଶଗ୍ରହଣ କରିବେ। କାର୍ଯ୍ୟକ୍ରମ ମକର ସଂକ୍ରାନ୍ତି ଅର୍ଥାତ୍ ୧୪ ଜାନୁୟାରୀ ପର୍ଯ୍ୟନ୍ତ ଚାଲିବ। ଏନେଇ ଦେଶର ପାଖାପାଖି ୫୧,୦୦୦ ସ୍ଥାନରେ ବଡ ପରଦା ଲଗାଯିବ। ଦିବ୍ୟ କାଶୀ–ଭବ୍ୟ କାଶୀ ନାମରେ ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣ ହେବ। ଏହି ଅନୁଯାୟୀ ନାଉଗାଁ ତିହାଡ଼ାସ୍ଥିତ ମା'ଜାଗୁଳାଇ ପୀଠରେ ଦିବ୍ୟକାଶୀ ଓ ଭବ୍ୟକାଶୀ କାର୍ଯ୍ୟକ୍ରମ ହେବ ବୋଲି ଶୁକ୍ରବାର ଭାଜପା ଜଗତ୍‌ସିଂହପୁରସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଭାଜପା ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର କହିଥିଲେ, ବାବା ସତ୍ୟାନନ୍ଦ ଦାସ ମହାରାଜଙ୍କ ନେତୃତ୍ୱରେ ଏଠାରେ ଉତ୍ସବ ପାଳନ କରାଯିବ। ଏଥିରେ ଜିଲାର ବିଭିନ୍ନ ମଠ, ମନ୍ଦିର ଓ ଅନ୍ୟ ସ୍ଥାନରେ ଥିବା ସାଧୁସନ୍ଥ ଯୋଗଦେବେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଉଦ୍‌ବୋଧନର ସିଧାପ୍ରସାରଣ ଏଲ୍‌ସିଡି ମାଧ୍ୟମରେ ପ୍ରସାରଣ କରାଯିବ। ଏହାବାଦ୍ ସମଗ୍ର ଜିଲାର ମଣ୍ଡଳସ୍ତରରେ ହର–ମହାଦେବ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ସାଧୁସନ୍ଥଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏନେଇ ଜିଲାସ୍ତରୀୟ କମିଟି ଗଠନ କରାଯାଇଛି। ଏଥିରେ ସତ୍ୟବ୍ରତ ମହାପାତ୍ର, ଜଗନ୍ନାଥ ଦାଶ, ସମ୍ପଦ ସ୍ୱାଇଁ, ଉପେନ୍ଦ୍ରନାଥ ସ୍ୱାଇଁ, ଗଣେଶ ପ୍ରସାଦ ମହାନ୍ତି, ଶିବବ୍ରତ ଦାସ, ସଞ୍ଜୟ ମହାନ୍ତି, ରାଜକିଶୋର ବେହେରା, ବିଭୁପ୍ରସାଦ ତରାଇ, ମାନସ ରଞ୍ଜନ ସ୍ୱାଇଁ ପ୍ରମୁଖ ସଭ୍ୟ ଅଛନ୍ତି।

## ବିକାଶଠାରୁ ବହୁ ଦୂରରେ ଝରକାଢ଼ି ସାନ୍ତାଳିପଡ଼ା



ଖରିନାସୀ ପଞ୍ଚାୟତର ଝରକାଢ଼ି ସାନ୍ତାଳିପଡ଼ାକୁ ଥିବା କାଦୁଅ ରାସ୍ତା।

ମହାକାଳପଡ଼ା , ୧୦।୧୨ (ଡି.ଏନ.ଏ.)

ମୌଳିକ ସେବାରୁ ବଞ୍ଚିତ ହେଉଛନ୍ତି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ଖରିନାସୀ ପଞ୍ଚାୟତର ଏକ ନମ୍ବର ୱାର୍ଡର ଝରକାଢ଼ି ସାନ୍ତାଳିପଡ଼ା। ପଡାରେ ୩୦ରୁ ଅଧିକ ପରିବାର ବସବାସ କରୁଥିବାବେଳେ ଶହେରୁ ଅଧିକ ଜନସଂଖ୍ୟା ବିଶିଷ୍ଟ କୁହାଯାଇଛି। ୧୯୫୨ମସିହାଠାରୁ ଏହି ସାନ୍ତାଳି ସମ୍ପ୍ରଦାୟ ଏଠାରେ ବସବାସ କରି ଆସୁଥିଲେ ମଧ୍ୟ ଏହି ପଡ଼ାକୁ ଖଣ୍ଡେ ସବୁଦିନିଆ ରାସ୍ତା ନିର୍ମାଣ ହୋଇପାରିନାହିଁ। ଏ ନେଇ ସ୍ଥାନୀୟ ଜନପ୍ରତିନିଧିଙ୍କୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ କେହି ଏହି ଜନଜାତିଙ୍କ ଦୁଃଖ ଶୁଣୁ ନାହାନ୍ତି ବୋଲି ଭାଗମଣି ହାଁସଦା, ରାଜା ହେମ୍ବ୍ରମ୍, ଗୌରୀ ମୁର୍ମୁ , ସୁରେଖା ମୁର୍ମୁ, ଦୀନବନ୍ଧୁ ହେମ୍ବ୍ରମ୍, ରଇବାରୀ ମାରାଣ୍ଡି ପ୍ରମୁଖ ଅଭିଯୋଗ କରିଛନ୍ତି। ଗ୍ରାମର ଗର୍ଭବତୀ ମହିଳା, ଅଙ୍ଗନୱାଡ଼ି ଶିଶୁ, ଛାତ୍ରୀଛାତ୍ର ଓ ପାନୀୟ ଜଳ ପାଇଁ ମହିଳାମାନେ ଆଣ୍ଠୁଏ କାଦୁଅରେ ପଶି ଯାତାୟାତ କରୁଥିବା ଦେଖିବାକୁ ମିଳିଛି। ଆଗାମୀଦିନରେ ଏହି ପଡ଼ାକୁ ରାସ୍ତା ନିର୍ମାଣ କରା ନ ଗଲେ ସେମାନେ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି।

## ସ୍ୱାସ୍ଥ୍ୟ ଶିବିର:୨୯୦ ରୋଗୀଙ୍କ ଚିକିତ୍ସା

ଆଳି,୧୦।୧୨(ଡି. ଏନ. ଏ.)

ଆଳି ବ୍ଲକ ଦେମାଳ ପଞ୍ଚାୟତର ଗିରିବନ୍ଧ ଗ୍ରାମର ଜନକଲ୍ୟାଣ ଯୁବ ସଙ୍ଗଠନ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସଦସ୍ୟମାନଙ୍କ ତତ୍ତ୍ୱାବଧାନରେ କୋଭିଡ୍ କଟକଣାରେ ଗିରିବନ୍ଧ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିବିର ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱରର କିମ୍ସ ମେଡିକାଲର ବରିଷ୍ଠ ଡାକ୍ତରମାନେ ଶିବିରରେ ଯୋଗଦେଇ ରୋଗୀମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦେଇଥିଲେ। ଭେଷଜ, ଅସ୍ଥିଶଲ୍ୟ, ସ୍ତ୍ରୀ ଓ ପ୍ରସୂତି, କାନ, ନାକ, ଗଳା, ଶିଶୁରୋଗ ବିଶେଷଜ୍ଞମାନେ ଶିବିରରେ ଉପସ୍ଥିତ ରହି ୨୯୦ ରୋଗୀଙ୍କୁ ମାଗଣାରେ ଚିକିତ୍ସା କରାଇ ଔଷଧ ବଣ୍ଟନ କରିଥିଲେ। ଗ୍ରାମର ବହୁ ବରିଷ୍ଠ ବ୍ୟକ୍ତି ଡାକ୍ତରଙ୍କ ନିକଟରେ ଉପସ୍ଥିତ ରହି ରୋଗୀ ଚିକିତ୍ସା କ୍ଷେତ୍ରରେ ସହଯୋଗ କରିଥିଲେ।

# କ୍ଷତିପୂରଣ ଦାବିରେ ଗଣବିକ୍ଷୋଭ

**ଲଗାଣ ବର୍ଷାରେ ଚାଷୀ, ଭାଗଚାଷୀ କ୍ଷତିଗ୍ରସ୍ତ**

ଏରସମା/କୁଜଙ୍ଗ, ୧୦।୧୨ (ସ୍ୱ.ପ୍ର./ଡି.ଏନ୍.ଏ.)




ତହସିଲ କାର୍ଯ୍ୟାଳୟ ଆଗରେ କୃଷକ ସଭାର ସଦସ୍ୟମାନେ ବିକ୍ଷୋଭ କରୁଛନ୍ତି।

ଏରସମା ବ୍ଲକର ବିଭିନ୍ନ ପଞ୍ଚାୟତରେ ବାତ୍ୟା ଜୱାଦ ପ୍ରଭାବରେ ଲଗାଣ ବର୍ଷା ଯୋଗୁ ଧାନ ଚାଷ ନଷ୍ଟ ହୋଇଛି। ଏହାର କ୍ଷୟକ୍ଷତିର ଆକଳନ କରି ସହାୟତା ଯୋଗାଇଦେବା ପାଇଁ ଅଖିଳ ଭାରତ କୃଷକ ସଭା ପକ୍ଷରୁ ଶୁକ୍ରବାର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭ କରାଯାଇଥିଲା। ଏହି ସଭାର ନେତୃତ୍ୱ ସଂଗଠନର ରାଜ୍ୟ ସଭାପତି ଶଶିଭୂଷଣ ସ୍ୱାଇଁ, ଏରସମା ବ୍ଲକର ପୂର୍ବତନ ଉପାଧକ୍ଷ ରାମଚନ୍ଦ୍ର ମୁଦୁଲି, କୃଷକ ନେତା ବଂଶୀଧର ବେହେରା ନେଇଥିଲେ। ଏହି ଅବସରରେ ଶତାଧିକ ଚାଷୀ ଶୋଭାଯାତ୍ରାରେ ଏରସମା ବଜାର ପରିକ୍ରମା କରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ସିପିଆଇ ଜିଲା ସମ୍ପାଦକ ଅଭିଜିତ ସାହୁ ଓ ଦେବାଶିଷ ପରିଜା ପ୍ରମୁଖ ଉପସ୍ଥିତ ହୋଇ ପ୍ରଶାସନର ଇଚ୍ଛାଶକ୍ତିର ଅଭାବ ଯୋଗୁ ଚାଷୀଙ୍କୁ କ୍ଷତିପୂରଣ ମିଳୁପାରୁ ନାହିଁ ବୋଲି କହିଥିଲେ। ଘର ଭାଙ୍ଗି ଯାଇଥିବା ଚାଷୀଙ୍କୁ ପାଲ ଯୋଗାଇବା, ଗୃହ ନିର୍ମାଣ ପାଇଁ ସହାୟତା ପ୍ରଦାନ କରିବା,ବର୍ଷ ତମାମ ଗୋଖାଦ୍ୟ ଯୋଗାଇବା,ଧାନ ଚାଷରେ ହୋଇଥିବା କ୍ଷୟକ୍ଷତିର ଆକଳନ କରି ସହାୟତା ପ୍ରଦାନ କରିବା,ଭାଙ୍ଗି ଯାଇଥିବା ରାସ୍ତାଘାଟ ମରାମତି କରିବା ଓ ଜଳ ନିଷ୍କାସନ ପାଇଁ ସ୍ଥାୟୀ ବ୍ୟବସ୍ଥା କରିବାକୁ ଦାବି କରିଥିଲେ। ଆନ୍ଦୋଳନରେ ସର୍ବେଶ୍ୱର ବେଉରା, ସମରେଶ ମୁଦୁଲି, ଶରତ ମଲ୍ଲିକ, ରବୀନ୍ଦ୍ର ପାଇଟାଳ, ଉତ୍ତମ ହାତୀ, କୈଳାସ ଦାସ, ଦେବଦତ୍ତ ଦାସ,ବସନ୍ତ ଦାସ ପ୍ରମୁଖ ସାମିଲ ହୋଇଥିଲେ। ଏହି ଅବସରରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଏରସମା ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସଙ୍କୁ ପ୍ରଦାନ କରାଯାଇଛି।

ସେହିପରି ଗତ ଅକ୍ଟୋବରରେ ହୋଇଥିବା ଲଗାଣ ବର୍ଷା ଓ ବାତ୍ୟା ଜୱାଦ ପ୍ରଭାବରେ କୁଜଙ୍ଗ ବ୍ଲକର ବହୁ ଭାଗଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ସରକାର ଭାଗଚାଷୀଙ୍କ ପାଇଁ ନିର୍ଦ୍ଦିଷ୍ଟ ନିୟମ ପ୍ରଣୟନ କରି ନ ଥିବାରୁ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କୁ ଜମି ମାଲିକ ଅବା ସରକାର କାହା ପାଖରୁ ସହାୟତା ମିଳୁପାରୁନାହିଁ ବୋଲି କୃଷକ ନେତା ହୃଷୀକେଶ ନାଥ ଓ କୁଜଙ୍ଗ ପାଣି ପଞ୍ଚାୟତ ସଭାପତି ବୈଷ୍ଣବ ଚରଣ ଦାସ ଅଭିଯୋଗ କରିଛନ୍ତି। ସରକାର ଜମି ମାଲିକଙ୍କଠାରୁ କ୍ଷୟକ୍ଷତି ପାଇବା ନିମନ୍ତେ ପ୍ରମାଣପତ୍ର ସହ ଦରଖାସ୍ତ ଆହ୍ୱାନ କରିଛନ୍ତି। କିନ୍ତୁ ଭାଗଚାଷୀ ପାଖରେ ଚାଷ ଜମିର କୌଣସି ପ୍ରମାଣ ପତ୍ର ନ ଥିବାରୁ ସେମାନେ ଦରଖାସ୍ତ କରିବାରୁ ବଞ୍ଚିତ ହେଉଛନ୍ତି ବୋଲି ଉଭୟ ନେତା କହିଛନ୍ତି। ତୁରନ୍ତ ଏନେଇ ପଦକ୍ଷେପ ନେବାକୁ ସେମାନେ ତହସିଲଦାରଙ୍କ ନିକଟରେ ଦାବି କରିଛନ୍ତି।

## ଅବସରପ୍ରାପ୍ତ କର୍ମଚାରୀଙ୍କ ଧାରଣା

ଆଳି,୧୦।୧୨(ଡି.ଏନ.ଏ.)

ଅବସରପ୍ରାପ୍ତ କର୍ମଚାରୀ ସଂଘ ଆହ୍ୱାନରେ ଆଳି ଶାଖାର ପେନ୍‌ସନଭୋଗୀ କର୍ମଚାରୀମାନେ ଆଳି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଧାରଣା ଦେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୬ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଅବସରପ୍ରାପ୍ତ କର୍ମଚାରୀମାନଙ୍କ ଦାବିଗୁଡ଼ିକୁ ମୁଖ୍ୟମନ୍ତ୍ରୀ ସହୃଦୟତାର ସହିତ ଗ୍ରହଣ କରିବେ ବୋଲି ଆଶା ପୋଷଣ କରିଛନ୍ତି। ସଂଘର ସମ୍ପାଦକ ଧନେଶ୍ୱର ରାଉତ, ମହେଶ୍ୱର ନନ୍ଦ, ସହଦେବ ସିଂ, ସୁଧୀର ଚନ୍ଦ୍ର ମହାନ୍ତି, ଲକ୍ଷ୍ମୀଧର ଦୀକ୍ଷିତ, ବୀରେନ୍ଦ୍ର କୁମାର ପଣ୍ଡା, ରମାକାନ୍ତ ସାହୁ, ପଦ୍ମଚରଣ ସେଠୀ, ବିନୋଦିନୀ ସାମନ୍ତ ପ୍ରମୁଖ ଶତାଧିକ ଧାରଣାରେ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ଆହତଙ୍କୁ ମେଡିକାଲରେ ଛାଡ଼ିଦେଲା ପୋଲିସ

ଚିକିତ୍ସା ନ କରିବାରୁ ଥାନାର ଦ୍ୱାରସ୍ଥ ହେଲେ ବାପା

**ଖଜୁରିପଡ଼ା/ବଲସକୁମ୍ପା, ୧୦।୧୨ (ଡି.ଏନ.ଏ.):** ଖଜୁରିପଡ଼ା ଥାନା ଅନ୍ତର୍ଗତ ବାରିକୁମ୍ପା (ନୂଆସାହି ) ଗ୍ରାମରେ ପୋଲିସ ହୋମଗାର୍ଡଙ୍କ ବାଇକ୍ ଧକ୍କାରେ ଜଣେ ଛାତ୍ର ଆହତ ହୋଇଥିଲେ। ସେ ହେଲେ ଛବୀନ୍ଦ୍ର ଦେହୁରୀଙ୍କ ପୁଅ ବୈକୁଣ୍ଠ (୧୯)। ଛାତ୍ରଙ୍କୁ ଚିକିତ୍ସା କରିବା ପରିବର୍ତ୍ତେ ହୋମଗାର୍ଡ ତାଙ୍କୁ ଛାଡ଼ି ଫେରାର୍ ହୋଇଯାଇଥିଲେ। ଏ ନେଇ ଶୁକ୍ରବାର ଛବୀନ୍ଦ୍ର ଖଜୁରିପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୧୩୯/୨୧ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଗତ ୨୨ରେ ବୈକୁଣ୍ଠ ଏବଂ ସାଙ୍ଗ ସୌମେନ୍ଦ୍ର ସାହାଣୀ କଲେଜରୁ ଘରକୁ ଫେରୁଥିବା ସମୟରେ ଟାଉନ ଥାନା ଅନ୍ତର୍ଗତ ୧୫୭ ନଂ ଜାତୀୟ ରାଜପଥର କନ୍ଧମାଳ ଢ଼ାବା ନିକଟରେ ଏକ ବାଇକ୍‌ରେ ପୋଲିସ ହୋମଗାର୍ଡ ସେମାନଙ୍କୁ ପଛପଟରୁ ଧକ୍କା ଦେଇଥିଲେ। ପରେ ସେମାନଙ୍କୁ ଫୁଲବାଣୀ ମେଡିକାଲରେ ଚିକିତ୍ସା କରିବାକୁ ନେଇ ସେଠାରେ ଛାଡ଼ି ପଳାଇଥିଲେ। ଏ ନେଇ ଆହତ ଛାତ୍ର ତାଙ୍କ ବାପାଙ୍କୁ ଜଣାଇଥିଲେ। ପୁଅ ସାମାନ୍ୟ ସୁସ୍ଥ ହେବାରୁ ଛବୀନ୍ଦ୍ର ଥାନାରେ ଏତଲା ଦେଇଥିଲେ।

### ବାଲ୍ୟବିବାହ ରୋକିଲା ପ୍ରଶାସନ

**ଗୋଷାଣୀ,୧୦।୧୨:** ଗୋଷାଣୀ ବ୍ଲକର କଇଠଡ଼ା ଗ୍ରାମରେ ହେବାକୁ ଥିବା ଏକ ବାଲ୍ୟ ବିବାହକୁ ଶୁକ୍ରବାର ଜିଲା ପ୍ରଶାସନ ବନ୍ଦ କରିଛି। ଉକ୍ତ ଗ୍ରାମରେ ଆଗକୁ ଏକ ବାଲ୍ୟ ବିବାହ ହେବା ପାଇଁ ସ୍ଥିତ ହୋଇଥିଲା। ଗୋଷାଣୀ ବାଲ୍ୟବିବାହ ନିଷେଧ ଅଧିକାରିଣୀ ଗୌରୀ କୁମାରୀ ନାୟକ ଏହା ଜାଣି ବାଲ୍ୟବିବାହ ନିଷେଧ ଟାସ୍କଫୋର୍ସରେ ଥିବା ଅନ୍ୟ ସଦସ୍ୟମାନଙ୍କୁ ଅବଗତ କରିଥିଲେ। ପରେ ବାଲ୍ୟ ବିବାହକୁ ରୋକିବା ନିମନ୍ତେ ଏକ ଟିମ୍ ଗଠନ କରାଯାଇଥିଲା। ଉକ୍ତ ଟିମ୍‌ରେ ଶିଶୁ କଲ୍ୟାଣ ସମିତିର ଅଧକ୍ଷ ପ୍ରମୋଦ କୁମାର ରାଉଳ, ଆଇସିଡିଏସ ସୁପରଭାଇଜର୍ ନାଗୁ ରତ୍ନମ୍, ଗୁରାଣ୍ଡି ଥାନାଧିକାରୀ ରବୀନ୍ଦ୍ର କୁମାର ପାତ୍ର, ଜିଲା ଶିଶୁ ସୁରକ୍ଷା ୟୁନିଟ୍ ରଆଇନ ପରିବେକ୍ଷଣ ଅଧିକାରୀ ଜୟପ୍ରକାଶ ବାଡ଼ତ୍ୟ, ସଖୀ ୱାନ ଷ୍ଟପ୍ ସେଣ୍ଟରର ପରିଚାଳିକା ଭାଗ୍ୟଲକ୍ଷ୍ମୀ ନାୟକ ପ୍ରମୁଖ ଉକ୍ତ ଗ୍ରାମକୁ ଯାଇ ବାଲ୍ୟ ବିବାହକୁ ସ୍ଥଗିତ କରିଥିଲେ। ଟାସ୍କଫୋର୍ସ ଦ୍ୱାରା ଝିଅକୁ ଉଦ୍ଧାର କରି ଶିଶୁ ମଙ୍ଗଳ ସମିତି ନିକଟରେ ଉପସ୍ଥାପନ କରାଯାଇଥିଲା। ଝିଅକୁ ୧୮ ବର୍ଷ ସମ୍ପୂର୍ଣ୍ଣ ହେବା ଯାଏ ବାଲ୍ୟ ବିବାହ ନିରୋଧ ଟାସ୍କଫୋର୍ସ ଦ୍ୱାରା ନିୟମିତ ପରାମର୍ଶ ଦେବା ସହ ଆବଶ୍ୟକ ଥଇଥାନ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

### ଟ୍ରକ୍ ଦୁର୍ଘଟଣା, ବର୍ତ୍ତିଲେ ଡ୍ରାଇଭର

**ଖଜୁରିପଡ଼ା/ବଲସକୁମ୍ପା,୧୦।୧୨ (ଡି.ଏନ.ଏ.)** ଗାଡିଆପଡା ଘାଟିରେ ଗୁରୁବାର ବିଳମ୍ବିତ ରାତିରେ ଏକ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି। ରାୟଗଡ଼ାଠାରୁ ସମ୍ବଲପୁରକୁ ଯାଉଥିବା ଟ୍ରକ (ନଂ ଓଡ଼ି ୦୪ଏଲ୍ ୯୩୬୫) ଭାରସାମ୍ୟ ହରାଇ ଗାଡିଆପଡା ଘାଟିରେ ଦୁର୍ଘଟଣାଗ୍ରସ୍ତ ହୋଇଛି। କିନ୍ତୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଗାଡ଼ିରେ ଡ୍ରାଇଭର୍ ଅଜୟ କୁମାର ବଗର୍ତ୍ତି ସହ ଆଉ ଦୁଇ ଜଣ ବ୍ୟକ୍ତି। ଖବର ପାଇ ଖଜୁରିପଡ଼ା ପୋଲିସ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ତଦନ୍ତ ଚଳାଇଛି।

# କାର୍ଯ୍ୟକ୍ଷମ ହୋଇପାରୁନି ନୂଆ ବସ୍‌ଷ୍ଟାଣ୍ଡ

**ନୟାଗଡ଼ ଅଫିସ,୧୦।୧୨**



ଉଦ୍‌ଘାଟନ ଅପେକ୍ଷାରେ ଥିବା ନୂଆ ବସ୍‌ଷ୍ଟାଣ୍ଡ ।

**ବାରମ୍ବାର ଘୁଞ୍ଚୁ ଚାଲିଛି ତାରିଖ**
- ୧୩ରେ ଜିଲା ସଡ଼କ କମିଟି ବୈଠକରେ ପୁଣି ନିଷ୍ପତ୍ତି
- ପରିତ୍ୟକ୍ତ ହୋଇ ପଡ଼ିରହିଛି ମାର୍କେଟ କମ୍ପ୍ଲେକ୍ସ
- ଛକରୁ ହଟୁନି ପୁରୁଣା ଟ୍ରାଫିକ ପୋଷ୍ଟ

ନୟାଗଡ଼ ଜିଲା ସଦର ମହକୁମାର ନୂଆ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ନେଇ ୧୩ବର୍ଷରୁ ଉର୍ଦ୍ଧ୍ୱ ହେଲା ନିଷ୍ପତ୍ତି ନିଆଯାଉଛି। ହେଲେ ଉଦ୍‌ଘାଟନ ଦିବସ ପୁଣି ବଦଳି ଯିବାରୁ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ତାରିଖ ପରେ ତାରିଖ ଘୁଞ୍ଚି ଚାଲିଥିବାବେଳେ ନବନିର୍ମିତ ମାର୍କେଟ କମ୍ପ୍ଲେକ୍ସ ବ୍ୟବହାର ନ ହୋଇ ପରିତ୍ୟକ୍ତ ଅବସ୍ଥାରେ ପଡରହିଛି। ନୂଆ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ନେଇ ଡିସେମ୍ବର ୧୩ରେ ପୁଣି ଜିଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ନୂଆ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ନେଇ ପୁଣି ନିଷ୍ପତ୍ତି ନିଆଯିବାର ରହିଛି। ନୂଆ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହୋଇ ନ ପାରିବାରୁ ନୟାଗଡ଼ ପୁରୁଣା ବସ୍‌ଷ୍ଟାଣ୍ଡର ଟ୍ରାଫିକ ଛକ ନବକଳେବର ହୋଇ ପାରୁନାହିଁ।

୨୦୨୦ ଡିସେମ୍ବର ୩୦ ଓ ଅଗଷ୍ଟ ୧୩ରେ ଜିଲା ସଡ଼କ ସୁରକ୍ଷା କମିଟି ବୈଠକ ବସିଥିଲା। ଜିଲାପାଳ ପୋମା ଟୁଡୁ ଏଥିରେ ଅଧକ୍ଷତା କରିଥିଲେ। ପୂର୍ବରୁ ନିଷ୍ପତ୍ତି ମୁତାବକ ନୂଆ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହୋଇ ପାରି ନ ଥିବାରୁ ଅଗଷ୍ଟ ୧୩ରେ ଜିଲାପାଳ କ୍ଷୋଭ ପ୍ରକାଶ କରିଥିଲେ। ନୂଆ ବସ୍‌ଷ୍ଟାଣ୍ଡକୁ ଯେନତେନ ପ୍ରକାରେଣ ଅକ୍ଟୋବର ସୁଦ୍ଧା କାର୍ଯ୍ୟକ୍ଷମ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ନେଇ କିଛି ଅଧିକାରୀ ସମୟ ମାଗିଥିଲାବେଳେ ଜିଲାପାଳ ରୋକଠୋକ ମାନା କରି ଦେଇଥିଲେ। ବସଷ୍ଟାଣ୍ଡର କ'ଣ ଅସୁବିଧା ରହିଛି, କ'ଣ କରାଯିବାର ରହିଛି ଜିଲାପାଳ ପରାମର୍ଶ ଲୋଡିଥିଲେ। ବସ୍‌ଷ୍ଟାଣ୍ଡ ସ୍ଥାନାନ୍ତର ପରେ ନୟାଗଡ଼ ସହରର ଟ୍ରାଫିକ ଛକରେ ଟ୍ରାଫିକ ଲାଇଟ ପୋଷ୍ଟ ଲାଗିବ। ପୁରୁଣା ଟ୍ରାଫିକ ପୋଷ୍ଟ ହଟି ନୂଆ ଟ୍ରାଫିକ ପୋଷ୍ଟ ହେବ। ତେବେ ନୂଆ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହୋଇ ପାରୁ ନ ଥିବାରୁ ପୁରୁଣା ଟ୍ରାଫିକ ପୋଷ୍ଟ ହଟା ଯାଇ ପାରୁନାହିଁ। ନୂଆ ଟ୍ରାଫିକ ଲାଇଟ ପୋଷ୍ଟ ଲାଗି ପାରୁନି। ଏ ନେଇ ସମାଜିକ କର୍ମୀ ସନ୍ତୋଷ ପ୍ରଧାନ କୁହନ୍ତି, ନୂଆ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ନେଇ ପ୍ରଶାସନ ବିଭିନ୍ନ ସମୟରେ ତାରିଖ ଧାର୍ଯ୍ୟ କରୁଛି। ହେଲେ ୧୫ ରୁ ଉର୍ଦ୍ଧ୍ୱବର୍ଷ ହେଲା କାର୍ଯ୍ୟକ୍ଷମ ହେଉନାହିଁ। ନିକଟରେ ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ୫୦ରୁ ଉର୍ଦ୍ଧ୍ୱ ଦୋକାନ ଘର କରାଯାଇ ନୂଆ ମାର୍କେଟ କମ୍ପ୍ଲେକ୍ସ କରାଯାଇଛି। ବସ କର୍ମଚାରୀ ଓ ଯାତ୍ରୀଙ୍କ ସୁବିଧା ପାଇଁ ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା ହୋଇଛି। ଆଶା କରାଯାଉଥିଲା ନିକଟରେ ନୂଆ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ ହେବ। ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ଉଦ୍‌ଘାଟନ କରାଯିବ ବୋଲି ସଡକ ସୁରକ୍ଷା କମିଟିରେ ନିଷ୍ପତ୍ତି ହେଉଛି। ହେଲେ ନୂଆ ବସ୍‌ଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ପୁଣି ଦୋକାନ କରିବାକୁ ଲିଜ୍‌ରେ ନେଇଥିବା ବ୍ୟବସାୟୀ ହଇରାଣ ହେଉଛନ୍ତି। ତୁରନ୍ତ ନୂଆ ବସ୍‌ଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରାଯିବାକୁ ଦାବି କରିଛନ୍ତି। ମ୍ୟୁନିସିପାଲିଟିର କାର୍ଯ୍ୟ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା କୁହନ୍ତି, ଡିସେମ୍ବର ୨୦ରେ ନୂଆ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ କରାଯିବାର କାର୍ଯ୍ୟକ୍ରମ ରହିଛି। ସମସ୍ତ କାର୍ଯ୍ୟ ଶେଷ ହୋଇଛି।

## ଆବେଦନକାରୀଙ୍କୁ ୩ଲକ୍ଷ ୪୫ହଜାର ଦେବାକୁ ନିର୍ଦ୍ଦେଶ

**ଚେକ୍ ବାଉନ୍ସ ମାମଲାରେ ୧ବର୍ଷ ଜେଲ**

**ବ୍ରହ୍ମପୁର ଅଫିସ,୧୦।୧୨**

ବ୍ରହ୍ମପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଅନୁସମ ଦାଶ ଏକ ଚେକ୍ ବାଉନ୍ସ ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ୧ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ସେହିପରି ଆବେଦନକାରୀ ଖାଲାସି ସାହିର ପି. ଧର୍ମା ରାଓଙ୍କୁ ୩ଲକ୍ଷ ୪୫ହଜାର ଟଙ୍କା ଫେରସ୍ତ କରିବାକୁ ନିର୍ଦ୍ଦେଶ ହୋଇଛି। ସୂଚନାନୁସାରେ, ପାର୍କସାହିରେ ରହୁଥିବା ମୃତ୍ୟୁଞ୍ଜୟ ସେନାପତି ଜଣେ ବ୍ୟବସାୟୀ। ସେ ଧର୍ମାଙ୍କ ବନ୍ଧୁ। ବ୍ୟବସାୟ ପାଇଁ ୨୦୦୮ ନଭେମ୍ବର ୫ରେ ମୃତ୍ୟୁଞ୍ଜୟ ଧର୍ମାଙ୍କଠାରୁ ୨ଲକ୍ଷ ଟଙ୍କା ଧାର ନେଇଥିଲେ। ଟଙ୍କା ଫେରସ୍ତ ବେଳେ ୫୦ ହଜାର ଟଙ୍କା ଲେଖାଏ ୪ଟି ଚେକ୍ ଦେଇଥିଲେ। ହେଲେ ଚେକ୍‌ଗୁଡିକ ବ୍ୟାଙ୍କରେ ଜମା କରିବା ପରେ ବାଉନ୍ସ ହୋଇଯାଇଥିଲା। ଓକିଲ ନୋଟିସ୍ ପଠାଇବା ପରେ ଧର୍ମା କୋର୍ଟରେ ୱାନ୍‌ସିସି ମାମଲା ରୁଜୁ କରିଥିଲେ। ମାମଲାର ବିଚାର ବେଳେ ଦୁଇଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି କୋର୍ଟ ଦଣ୍ଡାଦେଶ ଶୁଣାଇଛନ୍ତି। ଏହା ସହିତ ଆବେଦନକାରୀଙ୍କୁ ମୂଳ ଟଙ୍କା ସହିତ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ପ୍ରଦୀପ ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।

# ଆରେଢ଼ାରେ ଚାଷୀ ସମାବେଶ



ସମାବେଶରେ ଯୋଗ ଦେଇଥିବା ଚାଷୀମାନେ।

**ଜିଲାପାଳଙ୍କୁ ଭେଟି କରାଇବେ ଅବଗତ**

**ନୟାଗଡ଼ ଅଫିସ/ଓଡ଼ଗାଁ, ୧୦।୧୨(ସ୍ୱ.ପ୍ର.)**

ନୟାଗଡ ଜିଲା ଓଡ଼ଗାଁ ବ୍ଲକ ଆରେଡାରେ ଅଞ୍ଚଳର ଚାଷୀମାନଙ୍କୁ ନେଇ ଏକ ସମାବେଶ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଶାନ୍ତ ପାଇକେରାଙ୍କ ଆବାହକତ୍ୱ ଓ ବିଦ୍ୟାଧର ପାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ଚାଷୀଙ୍କ ସୁବିଧା ଅସୁବିଧା ସ୍ଥାନ ପାଇଥିଲା। ଅଦିନିଆ ବର୍ଷା ଯୋଗୁ ଜମିରେ ପାଣି ଜମି ଧାନ ପଚିବା ଓ ଗଜା ହୋଇଥିଲେ ମଧ୍ୟ ସରକାରୀ ସହାୟତା ମିଳୁ ନ ଥିବାରୁ ସମାବେଶରେ କ୍ଷୋଭ ପ୍ରକାଶ ପାଇଥିଲା। ଅନ୍ୟପକ୍ଷେ ଚାଷୀ ଧାନମଣ୍ଡିରେ ଧାନ ବିକୁଥିବାବେଳେ ନାନା ଅବସ୍ଥାର ସମ୍ମୁଖୀନ ହୋଇ ଆସୁଛନ୍ତି। କଟନୀ ଛଟନୀରେ ଧାନ କଟା ଯାଉଛି। ଏଣୁ ଚଳିତବର୍ଷ ଧାନ ପାଣିରେ ପଡି ଗୁଣବତ୍ତା ହରାଇଥିବାରୁ ମଣ୍ଡିରେ ମିଲର ଯେପରି ହଇରାଣ ନ କରିବ ସେନେଇ ଆଗୁଆ ପଦକ୍ଷେପ ନେବାକୁ ଚାଷୀମାନେ ପ୍ରଶାସନକୁ ଅନୁରୋଧ କରିଛନ୍ତି। ଏ ନେଇ ଚାଷୀଙ୍କ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ଚାଷୀଙ୍କ ସମସ୍ୟା ଉପରେ ଆଲୋଚନା କରିବାକୁ ନିଷ୍ପତ୍ତି ହୋଇଛି। ଅନ୍ୟପକ୍ଷେ ଧାନର ସର୍ବନିମ୍ନ ଦର କୁଇଣ୍ଟାଲ ପିଛା ବୃଦ୍ଧି କରାନ୍ତୁ ବୋଲି ମତପ୍ରକାଶ ପାଇଥିଲା। ଚାଷୀଙ୍କୁ ଭତ୍ତା ଓ ଚାଷୀ ତା'ର ଫସଲକୁ ସଂରକ୍ଷଣ କରି ରଖିବାକୁ ଶୀତଳଭଣ୍ଡାର ବ୍ୟବସ୍ଥା କରିବାକୁ ମତ ପ୍ରକାଶ ପାଇଛି। ପଡୋଶୀ ରାଜ୍ୟ ବୃଦ୍ଧା, ବୃଦ୍ଧ, ବିଧବା ଭତ୍ତା ୧ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଦେଉଥିବାବେଳେ ଆମ ସରକାର ୫୦୦ ଟଙ୍କାକୁ ଦେଢ ହଜାର ଟଙ୍କାକୁ ବୃଦ୍ଧି କରିବାକୁ ମତ ପ୍ରକାଶ ପାଇଛି। ଅଚଳ ଉଠା ଜଳସେଚନ ପ୍ରକଳ୍ପକୁ ସଚଳ ଓ ପାଣି ଆସୁ ନ ଥିବା କେନାଲ ମରାମତି କରିବାକୁ ଜଳ ସମ୍ପଦ ବିଭାଗ ପଦକ୍ଷେପ ନେଉ ବୋଲି ଚାଷୀ କହିଛନ୍ତି। ଶରଣକୁଳ ଓ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭଲ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ କୁହାଯାଇଛି। ଚାଷୀର ସମସ୍ୟା ସମାଧାନ ପାଇଁ କର୍ମକର୍ତ୍ତା ନିର୍ବାଚନ କରାଯାଉ। ପୁଣି ସବୁବେଳେ ଭ୍ରାମ୍ୟମାଣ ବୈଠକ କରାଯାଉ ବୋଲି ମତ ପ୍ରକାଶ ପାଇଛି।

## ଅଭିଯୁକ୍ତ ଇନ୍ଦ୍ରଜିତଙ୍କୁ ଜେଲ

**ବଳାତ୍କାର ମାମଲା**

**ବ୍ରହ୍ମପୁର ଅଫିସ,୧୦।୧୨**

ଗଞ୍ଜାମ ଜିଲା ଅତିରିକ୍ତ ଜିଲା ଦୌରା ଜଜ୍(ଏଡିଜେ-୨) ସଂଘମିତ୍ରା ଶର୍ମା ଶୁକ୍ରବାର ଏକ ବଳାତ୍କାର ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଥିବାରୁ ଜଣେ ଅଭିଯୁକ୍ତଙ୍କୁ ୮ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଜଣକ ଗଞ୍ଜାମ ଜିଲା ପୋଲସରା ଥାନା ଅନ୍ତର୍ଗତ ନିମିନା ଗ୍ରାମର ଇନ୍ଦ୍ରଜିତ ଜେନା। ଏହା ସହିତ ୫ ହଜାର ଟଙ୍କା ଜରିମାନା ଦେବାକୁ କୋର୍ଟ ରାୟ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୩ ମାସ ଜେଲ ଦଣ୍ଡରେ ଦଣ୍ଡିତ ହେବେ ବୋଲି ମଧ୍ୟ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ୨୦୦୮ ଏପ୍ରିଲ୍ ୧୫ରେ ଇନ୍ଦ୍ରଜିତ ବିବାହ ପ୍ରଲୋଭନ ଦେଖାଇ ଜନୈକା ୧୫ବର୍ଷର ନାବାଳିକାଙ୍କୁ ବଳାତ୍କାର କରିଥିଲେ। ପୀଡ଼ିତା ନାବାଳିକା ଗର୍ଭବତୀ ଥିବା ପରିବାର ଲୋକ ଜାଣିବାକୁ ପାଇଥିଲେ। ସେପଟେ ଅଭିଯୁକ୍ତ ଇନ୍ଦ୍ରଜିତ ନାବାଳିକାଙ୍କୁ ବିବାହ କରିବାକୁ ମନା କରି ଦେଇଥିଲେ। ଏନେଇ ପୀଡିତାଙ୍କ ମା' ପୋଲସରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତ ଇନ୍ଦ୍ରଜିତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ଇନ୍ଦ୍ରଜିତ ଜାମିନ ପାଇଥିଲେ। ମାମଲାର ବିଚାର ବେଳେ ପୋଲିସ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର ସହ ୧୨ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଜ୍ଞାନ ରଞ୍ଜନ ତ୍ରିପାଠୀ ମକଦ୍ଦମା ପରିଚାଳନା କରିଥିଲେ।

## ୱାଇଡବ୍ଲ୍ୟୁସିଏ ପକ୍ଷରୁ ମାନବାଧିକାର ଦିବସ ପାଳିତ

**ବ୍ରହ୍ମପୁର ଅଫିସ୍,୧୦।୧୧**

ୟଙ୍ଗ ଓମେନ ଖ୍ରୀଷ୍ଟିଆନ୍ ଆସୋସିଏଶନ ପକ୍ଷରୁ ଶୁକ୍ରବାର ଗେଟ୍ ବଜାର ଏନଜିଓ ହଲ୍‌ଠାରେ ମାନବ ଅଧିକାର ଦିବସ ପାଳିତ ହୋଇଯାଇଛି। ଏଥିରେ ସଂଘ ସଭାପତି ଲେନା ଚାନ୍ଦ ସଭାପତିତ୍ୱ କରିଥିଲେ। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଗଞ୍ଜାମ ଜିଲା ସଭାପତି ପୀତବାସ ପଣ୍ଡା, ଆଇନଜୀବୀ ପ୍ରଣବ ପଣ୍ଡା ଓ ସାମାଜିକ କର୍ମୀ ସୁଶାନ୍ତ ସାବତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଯୁବ ସମାଜକୁ ମାନବିକ ଅଧିକାର ସମ୍ବଳିତ ସଚେତନତା ଆବଶ୍ୟକ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ। ଟି.ଶାନ୍ତି ନଳିନୀ, ରତ୍ନମଣି କଟନ, ଐଶର୍ଯ୍ୟ ପାତ୍ର, ସୁକୁମାର ମହାନ୍ତି, କାହ୍ନୁ ଚରଣ ସାହୁ ଓ ନହ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଫସଲ କ୍ଷତି ଆକଳନ ପାଇଁ ୧୨ରେ ଆସିବେ କେନ୍ଦ୍ରୀୟ ଟିମ୍

**ଛତ୍ରପୁର,୧୦।୧୨(ଡି.ଏନ.ଏ.)**

ବାତ୍ୟା ଜୱାଦ୍ ପ୍ରଭାବରେ ହୋଇଥିବା ଲଗାଣ ବର୍ଷାରେ ଗଞ୍ଜାମ ଜିଲ୍ଲାରେ ଧାନ ଓ ପରିବା ଫସଲ ବ୍ୟାପକ କ୍ଷତି ହୋଇଛି। ଏହାର ଆକଳନ ପାଇଁ ଆସନ୍ତା ୧୨ ତାରିଖରେ କେନ୍ଦ୍ରୀୟ ଟିମ ଗଞ୍ଜାମ ଜିଲା ଗସ୍ତରେ ଆସିବେ ବୋଲି ସୂଚନା ମିଳିଛି। ଭାରତ ସରକାରଙ୍କ ଗୃହ ବ୍ୟାପାର ମନ୍ତ୍ରାଳୟର ଯୁଗ୍ମ ସଚିବ ସୌରଭ ରାୟଙ୍କ ନେତୃତ୍ୱରେ ଟିମ ଗଞ୍ଜାମ ଗସ୍ତରେ ଆସିବେ ବୋଲି ଜଣାପଡଛି।

## ୯ ଇନ୍ସପେକ୍ଟର, ସବ୍‌ଇନ୍ସପେକ୍ଟରଙ୍କ ବଦଳି

**ଦକ୍ଷିଣାଞ୍ଚଳ ପୋଲିସ ରେଞ୍ଜ**

**ବ୍ରହ୍ମପୁର ଅଫିସ,୧୦।୧୨**

ଦକ୍ଷିଣାଞ୍ଚଳ ପୋଲିସ ରେଞ୍ଜସ୍ତରରେ ୯ ଇନ୍ସପେକ୍ଟର୍, ସବ୍‌ଇନ୍ସପେକ୍ଟରଙ୍କ ଅଦଳବଦଳ କରାଯାଇଛି। ଏ ନେଇ ଦକ୍ଷିଣାଞ୍ଚଳ ପୋଲିସ ରେଞ୍ଜ ଡିଆଇଜି ସତ୍ୟବ୍ରତ ଭୋଇ ଶୁକ୍ରବାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ବୌଦ୍ଧ ଜିଲାରେ କାର୍ଯ୍ୟରତ ଥିବା ଇନ୍ସପେକ୍ଟର୍ ତପସ୍ୱିନୀ କହଁରଙ୍କୁ ଗଜପତି ଜିଲାକୁ ବଦଳି କରାଯାଇଥିବା ବେଳେ ଗଜପତି ଜିଲାରୁ ବିବେକାନନ୍ଦ ସ୍ୱାଇଁଙ୍କୁ ବ୍ରହ୍ମପୁର, ବ୍ରହ୍ମପୁରର ଗୋପାଳପୁର ଥାନାଧିକାରୀ ମାଧବାନନ୍ଦ ନାୟକଙ୍କୁ ବୌଦ୍ଧ, ବ୍ରହ୍ମପୁରର ଟ୍ରାଫିକ ଥାନାଧିକାରୀ ସୁନୀଲ କୁମାର ବେହେରାଙ୍କୁ କନ୍ଧମାଳ ଓ ଗଞ୍ଜାମ ଜିଲାରୁ ସର୍ମିଷ୍ଠା ପ୍ରଧାନଙ୍କୁ ବୌଦ୍ଧ ଜିଲାକୁ ବଦଳି କରାଯାଇଛି। ସେହିପରି ଗଞ୍ଜାମ ଜିଲାରେ କାର୍ଯ୍ୟରତ ଏସ୍ଆଇ ସି.ଏଚ୍.ପ୍ରଧାନଙ୍କୁ କନ୍ଧମାଳ, ବ୍ରହ୍ମପୁରର ଟ୍ରାଫିକ ଥାନାରେ କାର୍ଯ୍ୟରତ ଗୁଣନିଧି ମଲ୍ଲିକଙ୍କୁ ବୌଦ୍ଧ, ଗଜପତିରେ କାର୍ଯ୍ୟରତ ନିରଞ୍ଜନ ଦାଶଙ୍କୁ ଗଞ୍ଜାମ ଓ ଗଜପତି ଜିଲାକୁ ବଦଳି ନିର୍ଦ୍ଦେଶ ହୋଇଥିବା ଏସ୍ଆଇ ଶରତ ଚନ୍ଦ୍ର ପାତ୍ରଙ୍କୁ ଦକ୍ଷିଣାଞ୍ଚଳ ରେଞ୍ଜ ଅଫିସରେ ଅବସ୍ଥାପିତ କରାଯାଇଛି।

## ୨ ୱାର୍ଡର ଡ୍ରେନେଜ ସମସ୍ୟା ଦେଖିଲେ ଇଓ

**ଛତ୍ରପୁର,୧୦।୧୨(ଡି.ଏନ୍.ଏ.)**

ଛତ୍ରପୁର ଏନ୍ଏସିର ୧୨ ଓ ୧୩ ନମ୍ବର ୱାର୍ଡରେ ଡ୍ରେନେଜ ସମସ୍ୟା ଉପୁଜୁଛି। ଶୁକ୍ରବାର ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଏନ.ଗଣେଶ ବାବୁ ଡ୍ରେନେଜ ସମସ୍ୟା ହେଉଥିବା ଅଞ୍ଚଳ ବୁଲି ଦେଖିବା ସହ ତାହାର ସମାଧାନ ନିମନ୍ତେ ଅଞ୍ଚଳବାସୀଙ୍କ ସହିତ ଆଲୋଚନା କରିଛନ୍ତି। ଦୁଇ ୱାର୍ଡର ଡ୍ରେନ୍‌ରେ ଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ଏହାର ପୁନରୁଦ୍ଧାର ସହ ଦୁଇଟି ନାଳକୁ ମିଶାଇ ଗୋଟିଏ ନାଳ କରିବାକୁ ଆଲୋଚନା ହୋଇଥିଲା। ଇଓଙ୍କ ପରିଦର୍ଶନ ବେଳେ ଏନ୍ଏସିର କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ଷଡଙ୍ଗୀ, ପୂର୍ବତନ କାଉନସିଲର ରାଜେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟ ଭାରୋତ୍ତୋଳନ ପ୍ରତିଯୋଗିତା

**ଗଞ୍ଜାମରୁ ୪୭ ପ୍ରତିଯୋଗୀ**

**ବ୍ରହ୍ମପୁର ଅଫିସ,୧୦।୧୨**

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଡିସେମ୍ବର ୧୧ ଓ ୧୨ରେ ରାଜ୍ୟସ୍ତରୀୟ ଭାରୋତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥି ନିମନ୍ତେ ଜିଲା ଭାରୋତ୍ତୋଳନ ଓ କୁସ୍ତି ସଂଘ ପକ୍ଷରୁ ୪୭ ପ୍ରତିଯୋଗୀ ଅଂଶଗ୍ରହଣ କରିବା ନିମନ୍ତେ ମନୋନୀତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୨୫ ପୁରୁଷ ଓ ୨୨ ମହିଳା ପ୍ରତିଯୋଗୀ ଅଛନ୍ତି। ପ୍ରତିଯୋଗିତା ନିମନ୍ତେ ଜିଲା ଭାରୋତ୍ତୋଳନ ପ୍ରତିଯୋଗୀମାନେ ଶୁକ୍ରବାର ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଦଳରେ ପ୍ରତିଯୋଗୀଙ୍କ ସହ କୋଚ କୁମୁଦ ଚନ୍ଦ୍ର ସାହୁ, ସଚ୍ଚିଦାନନ୍ଦ ଦାସଙ୍କ ସମେତ କୋଚ୍ ଯାତ୍ରା କରିଛନ୍ତି। ପ୍ରତିଯୋଗୀଙ୍କୁ ଜିଲା ଭାରୋତ୍ତୋଳନ ଓ କୁସ୍ତି ସଂଘ ପକ୍ଷରୁ ସମ୍ପାଦକ ଗାଗାରିନ ନାୟକଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଶୁଭେଚ୍ଛା ଜଣାଇଛନ୍ତି।

# ପଠାଣି ସାମନ୍ତ ସ୍ମୃତି ପାଠାଗାର ଜରାଜୀର୍ଣ୍ଣ

**ଉନ୍ନତୀକରଣ ପାଇଁ ପର୍ଯ୍ୟଟନ ମନ୍ତ୍ରୀଙ୍କୁ ଦାବିପତ୍ର**

**ଖଣ୍ଡପଡା,୧୦।୧୨(ସ୍ୱ.ପ୍ର.)**



ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ନୟାଗଡ଼ ଜିଲା ଅଧୀନ ଖଣ୍ଡପଡ଼ା ସହରରେ ଥିବା ବିଶ୍ୱ ବିଖ୍ୟାତ ଜ୍ୟୋର୍ତିବିଦ୍ ପଠାଣି ସାମନ୍ତଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଏକଦା ଗଢି ଉଠିଥିବା ସାମନ୍ତ ଚନ୍ଦ୍ରଶେଖର ସ୍ମୃତି ମନ୍ଦିର ଓ ପାଠାଗାରଟି ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଆର୍ଥିକ ଅନୁଦାନ ଅଭାବରୁ ପାଠାଗାରର ଉନ୍ନତିକରଣ ହୋଇପାରୁନାହିଁ। ପଠାଣି ସାମନ୍ତ ସ୍ମୃତି ମନ୍ଦିର ଓ ପାଠାଗାରର ସଦସ୍ୟମାନେ ଖଣ୍ଡପଡାର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କୁ ଭୁବନେଶ୍ୱରସ୍ଥିତ ତାଙ୍କ ବାସଭବନରେ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିବା ଅନୁଷ୍ଠାନର ସମ୍ପାଦକ ବିନାୟକ ସାହୁ ଜଣାଇଛନ୍ତି। ସୂଚନାଯୋଗ୍ୟ, ପ୍ରତିବର୍ଷ ଡିସେମ୍ବର ୨୪ରେ ସାମନ୍ତଙ୍କ ଜୟନ୍ତୀ ଉତ୍ସବ ଉକ୍ତ ସ୍ଥାନରେ ପାଳିତ ହେଉଥିଲେ ହେଁ ଅନୁଷ୍ଠାନର ସାମଗ୍ରୀକ ବିକାଶ ଦିଗରେ ପ୍ରଶାସନିକ ଅଧିକାରୀ, ଜିଲା ପ୍ରଶାସନ ଓ ରାଜ୍ୟ ସରକାର କେହି ଧ୍ୟାନ ଦେଉ ନାହାନ୍ତି। ଏଥିଯୋଗୁ ଖଣ୍ଡପଡା ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଖଣ୍ଡପଡ଼ା ସହରର ଏହି ସର୍ବ ପୁରାତନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପରିସରରେ ଏକ ଅଡିଟୋରିୟମ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ସହରବାସୀ ଦାବି କରିଛନ୍ତି।

# ଧାନର କ୍ଷତିପୂରଣ ନେଇ ତହସିଲଦାରଙ୍କୁ ଦାବିପତ୍ର

**ନୂଆଗାଁ, ୧୦।୧୨ (ଡି.ଏନ.ଏ.)**



ଶହୀଦ କଷ୍ଟି ଡାକୁଆ ସଚେତନ ନାଗରିକ ମଞ୍ଚ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର ଦିଆଯାଉଛି।

ଚାଷୀ ମୁଣ୍ଡରେ ଗୋଟିଏ ପରେ ଗୋଟିଏ ଚଡକ ପଡୁଛି । କେତେବେଳେ ବର୍ଷାଭାବ ତ ଆଉ କେତେବେଳେ ଲଗାତାର ଭାବେ ବର୍ଷା। ଲଗାଣ ବର୍ଷା ଯୋଗୁ ଚାଷୀକୂଳ ସର୍ବସ୍ୱ ଫସଲ ହରାଇଥିବା ବେଳେ ତାହାର କ୍ଷତି ପୂରଣ ଦାବି ନେଇ ନୂଆଗାଁ ବ୍ଲକ ଶହୀଦ କଷ୍ଟି ଡାକୁଆ ସଚେତନ ନାଗରିକ ମଞ୍ଚ ଶୁକ୍ରବାର ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

କରୋନା ମହାମାରୀ ଫଳରେ ଦୁଇବର୍ଷ ହେଲା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଯାଇଛି। କ୍ଷତିର କିଛି ଅଂଶ ଚଳିତ ବର୍ଷ ଭରଣା କରିବାର ଆଶା ବାନ୍ଧିଥିଲା ଚାଷୀ। କିନ୍ତୁ କ୍ଷତି ଭରଣା ହେବା ତ ଦୂରର କଥା ଉଜୁଡା ଫସଲକୁ ଦେଖି ଚାଷୀ ଚିନ୍ତାରେ ପଡିଛନ୍ତି। ଧାନ ଫସଲର ଆଶା ରଖି ଚାଷୀ ଧାର କରଜ କରି ତଳି ପକାଇବା ସହ ଚାଷ ବାସ କରି ରୁଆ କାମ ଆରମ୍ଭ କରିଥିଲେ। କିନ୍ତୁ ଧାନ ଅଧା ରୁଆ ହୋଇଥିବା ବେଳେ ବର୍ଷାର ଅଭାବ ଦେଖା ଦେବା ଫଳରେ ତଳି ଓ ରୁଆ ହୋଇଥିବା ଗଛ ଶୁଖି ଯାଇଥିଲା। ବଳକା ରହିଯାଇଥିବା ଧାନ ଫସଲରୁ କିଛି ଫସଲ ହାତୀ ଓ ବାରହା ନଷ୍ଟ କରି ଦେଇଥିଲେ। ଚାଷୀ ଧାନ ବିଲ ନିକଟରେ ଭାଡି କରି ଫସଲ ଜଗିବା ସହ ଅମଳ କରିବାର ଆଶା ବାନ୍ଧିଥିଲା। କିନ୍ତୁ ଧାନ ଅମଳ ସମୟରେ ବାତ୍ୟା ଜୱାଦ ପ୍ରଭାବରେ ଲଗାଣ ବର୍ଷା ହେବାରୁ ବଳକା ଫସଲକୁ ଉଜାଡି ଦେଇଛି। ନୂଆଗାଁ ବ୍ଲକର ଅନେକ ସ୍ଥାନରେ ଚାଷୀ ଧାନ କାଟି ପକାଇଥିବା ବେଳେ ଆଉ କିଛି ସ୍ଥାନରେ କାଟିବାର ଯୋଜନା ରଖିଥିଲା। କିନ୍ତୁ ଲଗାଣ ବର୍ଷା ହେବା ଫଳରେ ଧାନ ବିଲରେ ପାଣି ଧାର ଚାଲିଛି। କଟା ଯାଇଥିବା ଧାନ ଓ ପାଚିଲା ଧାନ ଗଛ ପାଣିରେ ବୁଡି ରହିଛି। ଯାହାକୁ କି ଅମଳ କରିବା ଚାଷୀଙ୍କ ପକ୍ଷେ ସମ୍ଭବ ନୁହେଁ। ତେଣୁ ଚାଷୀ କୂଳର କ୍ଷତିକୁ ଦୃଷ୍ଟିରେ ରଖି ସରକାର କ୍ଷତି ଭରଣା କରିବାକୁ ମଞ୍ଚ ପକ୍ଷରୁ ତହସିଲଦାର ପ୍ରଲୟାନନ୍ଦ ଶତପଥୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। କ୍ଷୟକ୍ଷତିର ଆକଳନ କରି ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଶହୀଦ କଷ୍ଟି ଡାକୁଆ ପୀଠରୁ ଶୋଭାଯାତ୍ରାରେ ବାହାରି ବଜାର ମଧ୍ୟ ଦେଇ ନୂଆଗାଁ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ମଞ୍ଚର ସଦସ୍ୟ ରମେଶ ଚନ୍ଦ୍ର ପ୍ରଧାନ, ଶରତ କୁମାର ସ୍ୱାଇଁ, ଜିତେନ୍ଦ୍ର କୁମାର ସାହୁ, ମୁରଲୀଧର ଖଣ୍ଡୁଆଳଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଲୋକ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

